# NATIONAL NEWS BULLETIN (ODIA)

## 20 July - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ନ୍ୟୁଜିଲାଣ୍ଡ ଦ୍ୱିପକ୍ଷୀୟ ସହଭାଗିତାକୁ ଏକ ନୂତନ ଶିଖରରେ ପହଁଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ
- ବିଶ୍ୱ ଐତିହ୍ୟ କମିଟି ଅଧିବେଶନକୁ ଆସନ୍ତାକାଲି  ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ଖଣିଜ ପଦାର୍ଥ କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ କାର୍ଯ୍ୟ କରିବା ଲାଗି ସମସ୍ତ ପ୍ରତିପକ୍ଷଙ୍କୁ ଆହ୍ୱାନ ଦେଲେ କୋଇଲା ମନ୍ତ୍ରୀ ଜି.କିଶାନ ରେଡ୍ଡୀ।
- ଭାରତ-ଭୁଟାନ ବିକାଶ ସହଯୋଗ ବୈଠକରେ ୪ ହଜାର ୯୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ୬୧ଟି ପ୍ରକଳ୍ପକୁ ମିଳିଲା ମଞ୍ଜୁରି।

ଏବଂ

- ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀଙ୍କ ଶୋକ; କହିଲେ କୃଷି ଏବଂ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ।

## ମୋଦୀ-ନ୍ୟୁଜିଲାଣ୍ଡ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲୁକ୍‌ଜୋନ୍‌ଙ୍କ ସହିତ ଟେଲିଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଆପୋଷ ସ୍ୱାର୍ଥଜଡ଼ିତ ଦ୍ୱିପକ୍ଷୀୟ ସହଭାଗିତାକୁ ଏକ ନୂତନ ଶିଖରକୁ ନେଇଯିବା ଉଦ୍ଦେଶ୍ୟରେ କାର୍ଯ୍ୟକରିବା ଲାଗି ଉଭୟ ନେତା ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ବାଣିଜ୍ୟ, ଅର୍ଥନୀତି ସହଯୋଗିତା, ପ୍ରାଣୀସମ୍ପଦ, ଔଷଧ, ଶିକ୍ଷା, ମହାକାଶ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦ୍ୱିପକ୍ଷୀୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ନ୍ୟୁଜିଲାଣ୍ଡରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ପ୍ରତିପକ୍ଷ ଶ୍ରୀ ଲୁକ୍‌ଜୋନ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ । ଏଥିସହିତ ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କର ସୁରକ୍ଷା ତଥା ସମୃଦ୍ଧି ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଲୁକ୍‌ଜୋନ୍ ପ୍ରତିଶ୍ରୁତି ଦେଇଛନ୍ତି ।

# ୱାର୍ଲ୍ଡ ହେରିଟେଜ୍ କମିଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନକୁ ଉଦ୍‌ଘାଟନ କରିବେ। ଭାରତ୍ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ୩୧ ତାରିଖ ପର୍ଯ୍ୟ ଚାଲିବ। ଭାରତ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି ।

ଏହି ସମାରୋହରେ ୟୁନେସ୍କୋର ମହାନିର୍ଦ୍ଦେଶକ ମାଡାମ୍ ଔଡ୍ରେ ଅଜୌଲେ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସଚିବାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦେଶର ସଂସ୍କୃତିମନ୍ତ୍ରୀ, ରାଷ୍ଟ୍ରଦୂତ ଏବଂ ବିଶେଷଜ୍ଞମାନେ ଯୋଗଦେବେ । ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୋଦୀ ସରକାରଙ୍କର ତୃତୀୟ ପାଳିରେ ଏହା ହେଉଛି ଭାରତର ପ୍ରଥମ ବୃହତ କାର୍ଯ୍ୟକ୍ରମ । ଏହି ବୈଠକରେ ଭାରତର ବିବିଧ ଏବଂ ଅନନ୍ୟ ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରାଯିବ । ଏଭଳି ଆନ୍ତର୍ଜାତିକ ବୈଠକ’ ବିଶ୍ୱରେ ଭାରତର ଶକ୍ତିକୁ ଆହୁରି ଦୃଢ଼ୀଭୂତ କରିବା ସହିତ ବିଶ୍ୱସ୍ତରରେ ପ୍ରସାର ପାଇଁ ମଧ୍ୟ ଏକ ସୁଯୋଗ ପ୍ରଦାନ କରିବ । ଭାରତ

୨୦୨୧ରେ ୨୩ତମ ସାଧାରଣ ସଭାରେ ୨୧ ଜଣ ସଦସ୍ୟ ବିଶିଷ୍ଟ ବିଶ୍ୱ ଐତିହ୍ୟ କମିଟି - WHC କୁ ଚାରିବର୍ଷ ପାଇଁ ନିର୍ବାଚିତ ହୋଇଥିଲା । ବିଶ୍ୱ ଐତିହ୍ୟ କମିଟିରେ ଏହା ଭାରତର ଚତୁର୍ଥ କାର୍ଯ୍ୟକାଳ ।

ଭାରତ' ବିଶ୍ୱ ଐତିହ୍ୟ ତାଲିକାରେ ୪୨ଟି ସମ୍ପତ୍ତିକୁ ଅନ୍ତର୍ଭୁକ୍ତ କରିଛି । ଯେଉଁଥିରେ ୩୪ଟି ସାଂସ୍କୃତିକ, ୭ଟି ପ୍ରାକୃତିକ ଏବଂ ଗୋଟିଏ ମିଶ୍ରିତ ଐତିହ୍ୟସ୍ଥଳୀ ରହିଛି । ଗତ ୧୦ବର୍ଷ ମଧ୍ୟରେ ପଶ୍ଚିମବଙ୍ଗର ଶାନ୍ତିନିକେତନ ଶିଳାଲେଖ ଏବଂ କର୍ଣ୍ଣାଟକର ହୈସାଲସ ପବିତ୍ର ମେଳକ ସମେତ ୧୨ଟି ସ୍ଥାନକୁ ଯୋଡ଼ା ଯାଇଛି ।

ଏହା ବ୍ୟତୀତ ବିଶ୍ୱ ଐତିହ୍ୟର ଅସ୍ଥାୟୀ ତାଲିକାରେ ଭାରତର ୫୭ଟି ସ୍ଥାନ ରହିଛି ।

## କୋଲ ମାଇନ୍ସ

ଖଣିଜ ପଦାର୍ଥ କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ କାର୍ଯ୍ୟ କରିବା ଲାଗି କୋଇଲା ମନ୍ତ୍ରୀ ଜି.କିଶାନ ରେଡ୍ଡୀ ସମସ୍ତ ପ୍ରତିପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ହାଇଦ୍ରାବାଦଠାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀ ରେଡ୍ଡୀ କହିଛନ୍ତି, କୋଇଲା କ୍ଷେତ୍ରରେ ଦେଶ ଆତ୍ମନିର୍ଭର ହୋଇସାରିଛି । ଆଗାମୀ ଦିନରେ ଖଣିଜ କ୍ଷେତ୍ରରେ ଏହି ଲକ୍ଷ୍ୟ ହାସଲ ଲାଗି ସରକାରଙ୍କ ପକ୍ଷରୁ

କେତେକ ସଂସ୍କାର ମୂଳକ ପଦକ୍ଷେପ ସହିତ ନୀତିଗତ ନିଷ୍ପତ୍ତି ନିଆଯିବ। ଖଣିଜ ସମେତ ବିଭିନ୍ନ କ୍ଷେତ୍ରର ସ୍ୱଚ୍ଛତା ସହିତ ବିକାଶ ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ରୂପେ ପରିଣତ ହେବାକୁ ଯାଉଛି। ଦେଶର ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ ଦିଗରେ ଖଣିଜ କ୍ଷେତ୍ରର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ କିଶାନ କହିଛନ୍ତି।

ଏହି ଅବସରରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ନିଲାମ ସମ୍ପର୍କିତ ଅନୁମତିପତ୍ର କେନ୍ଦ୍ରମନ୍ତ୍ରୀ ସମ୍ପୃକ୍ତ ନିଲାମଧାରୀଙ୍କୁ ପ୍ରଦାନ କରିବା ସହିତ ଜାତୀୟ ଜିଲ୍ଲା ଖଣିଜ ପାଣ୍ଠି ପୋର୍ଟଲର ମଧ୍ୟ ସେ ଉନ୍ମୋଚନ କରିଛନ୍ତି।

## ଅଲ୍‌ପାର୍ଟି ମିଟିଂ

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ସରକାର ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକରେ ସରକାର ସଂସଦର ଉଭୟ ଗୃହର ସୁପରିଚାଳନା ନିମନ୍ତେ  ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିବେ । ବଜେଟ ଅଧିବେଶନ ଆସନ୍ତା ସୋମବାର ଠାରୁ ଆରମ୍ଭ ହୋଇ ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୨୩ ତାରିଖ ମଙ୍ଗଳବାର ଦିନ କେନ୍ଦ୍ର ବଜେଟ ଉପସ୍ଥାପନ କରାଯିବ । ନରେନ୍ଦ୍ର ମୋଦୀ ସରକାରଙ୍କର ତୃତୀୟ ପାଳିରେ ଏହା ହେବ ପ୍ରଥମ ବଜେଟ ।

ଗତମାସରେ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, ଏହି ବଜେଟ ସରକାରଙ୍କର ସୁଦୂରପ୍ରସାରୀ ନୀତି ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଏକ ପ୍ରଭାବଶାଳୀ ଦସ୍ତାବିଜ ହେବ ।

## ଫରେନ୍ ସେକ୍ରେଟାରୀ- ଭୁଟାନ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ତାଙ୍କର ଭୁଟାନ ପ୍ରତିପକ୍ଷ ଅମ୍ ପେମା ଚୋଡେନ୍ ଆଜି ଥିମ୍ପୁଠାରେ ତୃତୀୟ ଭାରତ–ଭୁଟାନ ବିକାଶ ସହଯୋଗ ବୈଠକରେ ସହ-ଅଧ୍ୟକ୍ଷତା କରିଛନ୍ତି। ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ବୈଠକରେ ୪ ହଜାର ୯୫୮ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ କ୍ଷେତ୍ର ଲାଗି ଉଦ୍ଦିଷ୍ଟ ୬୧ଟି ପ୍ରକଳ୍ପକୁ ମଞ୍ଜୁର ପ୍ରଦାନ କରାଯାଇଛି।  ଏହି ପ୍ରକଳ୍ପଗୁଡ଼ିକ ମୌଳିକଢାଞ୍ଚା, ଶକ୍ତି, ଦକ୍ଷତା ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ସାଂସ୍କୃତିକ ଐତିହ୍ୟ, କ୍ଷମତା ବୃଦ୍ଧି, କ୍ରୀଡ଼ା, ଯୁବ ବ୍ୟାପାର, ଡିଜିଟାଲ ଅର୍ଥନୀତି ଏବଂ ମହାକାଶ କ୍ଷେତ୍ର ଲାଗି ଉଦ୍ଦିଷ୍ଟ। ଏତଦ୍‌ବ୍ୟତୀତ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଥିବା ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ମଧ୍ୟ ଉଭୟ ପକ୍ଷ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ପିଏମ୍-କମଳା ପୂଜାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ୍ମଶ୍ରୀ କମଳା ପୂଜାରୀଙ୍କର ପରଲୋକରେ ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, କୃଷି କ୍ଷେତ୍ର' ବିଶେଷ କରି ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ଏବଂ ସ୍ୱଦେଶୀ କିଶମର ଧାନ ସଂରକ୍ଷଣ ଦିଗରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ । ସେହିଭଳି ଜୈବ ବିବିଧତାର ସଂରକ୍ଷଣ ଲାଗି କମଳା ପୂଜାରୀଙ୍କର ତ୍ୟାଗ ଅତୁଳନୀୟ । ଏହାଛଡ଼ା ଜନଜାତି ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ଦିଗରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ପଦ୍ମଶ୍ରୀ କମଳା ପୂଜାରୀଙ୍କର ଆଜି ସକାଳେ ୭୪ ବର୍ଷ ବୟସରେ କଟକ ବଡ଼ ଡାକ୍ତରଖାନାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଓଡ଼ିଶାର କୋରାପୁଟ ଜିଲ୍ଲାର ପାତ୍ରପୁଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମଳା ପୂଜାରୀ କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୯ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ ।
ଜୈବିକ କୃଷି ଏବଂ ସ୍ୱଦେଶୀ କିସମର ଧାନ ସଂରକ୍ଷଣ ବ୍ୟତୀତ ବିଭିନ୍ନ ପ୍ରକାରର ହଳଦୀ ଏବଂ ଜିରା ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ରହିଥିଲା ।

# ବାଂଲାଦେଶ- ଇଣ୍ଡିଆ ରିଟର୍ଣ୍ଣ

ବାଂଲାଦେଶରୁ ପ୍ରାୟ ୧ ହଜାର ଭାରତୀୟ ଛାତ୍ରଛାତ୍ରୀ ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଂଲାଦେଶରେ ସଂରକ୍ଷଣକୁ ନେଇ ଚାଲିଥିବା ହିଂସାକାଣ୍ଡ ଦୃଷ୍ଟିରୁ ୭୭୮ ଛାତ୍ରଛାତ୍ରୀ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଛାତ୍ରଛାତ୍ରୀମାନେ ଦେଶର ବିଭିନ୍ନ ବନ୍ଦରରେ ପହଁଞ୍ଚିଥିବା ବେଳେ ପ୍ରାୟ ୨୦୦ ଶିକ୍ଷାର୍ଥୀ ଢାକା ଓ ଚିତ୍ତାଗଙ୍ଗ ବିମାନ ବନ୍ଦରରୁ ବିମାନେ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢାକାରେ କାର୍ଯ୍ୟରତ ଭାରତୀୟ ଉଚ୍ଚାୟୁକ୍ତ ଏବଂ ଚିତ୍ତାଗଙ୍ଗ, ରାଜସାହି, ସିଲହଟ୍ ଏବଂ ଖୁଲ୍ଣାରେ କାର୍ଯ୍ୟରତ ସହକାରୀ ଉଚ୍ଚାୟୁକ୍ତଙ୍କ ସହଯୋଗରେ ଏହି ଛାତ୍ରଛାତ୍ରୀମାନେ ଭାରତ-ବାଂଲାଦେଶ ଆନ୍ତର୍ଜାତିକ ସୀମାକୁ ସୁରକ୍ଷିତ ଭାବେ ଅତିକ୍ରମ କରିପାରିଛନ୍ତି। ସେହିଭଳି ବେସାମରିକ ବିମାନ ଚଳାଚଳ, ସ୍ୱରାଷ୍ଟ୍ର, ବନ୍ଦର ମନ୍ତ୍ରଣାଳୟ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟଙ୍କର ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସହଯୋଗ ନିଆଯାଇଛି।

ବାଂଲାଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ୪ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀମାନଙ୍କ ସହିତ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ

ଏବଂ ସହକାରୀ ଉଚ୍ଚାୟୁକ୍ତ ମାନେ ଯୋଗାଯୋଗରେ ଅଛନ୍ତି। ଏହାଛଡ଼ା ସେମାନଙ୍କୁ ଆବଶ୍ୟକ ସହାୟକ ମଧ୍ୟ ଯୋଗାଇ ଦିଆଯାଉଛି। ସେହିଭଳି ସେଠାରେ ଅଧ୍ୟୟନରତ ନେପାଳ ଓ ଭୁଟାନର ଛାତ୍ରଛାତ୍ରୀଙ୍କ ଅନୁରୋଧ ରକ୍ଷା କରି ସେମାନଙ୍କୁ ଭାରତୀୟ ସୀମା ଅତିକ୍ରମ କରିବା ଦିଗରେ ଆବଶ୍ୟକ ସହାୟତା କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି।

## ଅମିତ ଶାହା-ଝାଡ଼ଖଣ୍ଡ

ଝାଡ଼ଖଣ୍ଡରେ ହେମନ୍ତ ସୋରେନ୍ ସରକାର ଅନୁପ୍ରବେଶ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାଁନ୍ତି ବୋଲି ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଭିଯୋଗ କରିଛନ୍ତି। ଆଜି ରାଞ୍ଚିସ୍ଥିତ ପ୍ରଭାତ ତାରା ମଇଦାନ ଠାରେ ଆୟୋଜିତ ରାଜ୍ୟ ବିଜେପି ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ଅନୁପ୍ରବେଶ ଯୋଗୁଁ ଝାଡ଼ଖଣ୍ଡର ଜନସଂଖ୍ୟା ପ୍ରଭାବିତ ହେଉଛି। ତେବେ ସୋରେନ ସରକାର ଏହାକୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିବା ଦ୍ୱାରା ରାଜ୍ୟ ତଥା ଦେଶ କ୍ଷତିଗ୍ରସ୍ତ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହିତ ସୋରେନ୍‌ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରକୁ ଶ୍ରୀ ଶାହା ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ସରକାର ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ସେଠାରେ ଜେଏମ୍ଏମ୍‌ର ଜଣେ ସାଂସଦଙ୍କ ଘରୁ ୩୦୦ କୋଟି ଟଙ୍କା ଏବଂ ରାଜ୍ୟର ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକଙ୍କ ଘରୁ ୩୦ କୋଟି ଟଙ୍କା ଜବତ କରାଯାଇଛି।

ଏହାପରେ ଶ୍ରୀ ଶାହା ରାଞ୍ଚିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କୋର୍ ଗ୍ରୁପ୍ ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ଦଳୀୟ ସାଂସଦ, ବିଧାୟକଙ୍କ ସମେତ କେନ୍ଦ୍ର କୃଷି ମନ୍ତ୍ରୀ ଏବଂ ଝାଡ଼ଖଣ୍ଡ ନିର୍ବାଚନ ଦାୟିତ୍ୱରେ ଥିବା ବିପେଜି ପ୍ରଭାରୀ ଶିବରାଜ ସିଂ ଚୌହ୍ୱାନ ଓ ସହ ପ୍ରଭାରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଉପସ୍ଥିତ ଥିଲେ।

# କ୍ରିକେଟ

ମହିଳା ଏସିଆ କପ୍ ଟି-୨୦ କ୍ରିକେଟର ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଥାଇଲାଣ୍ଡ' ମାଲେସିଆକୁ ୨୨ ରନ୍‌ରେ ପରାସ୍ତ କରିଛି। ଶ୍ରୀଲଙ୍କାର ରାଙ୍ଗିରି ଦାମ୍ବୁଲା ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଥାଇଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ୧୩୪ ରନ୍ ବିଜୟ ଲକ୍ଷ୍ୟର ପିଛା କରି ମାଲେସିଆ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୧୧ ରନ୍ କରିପାରିଥିଲା।

ଏହି ଷ୍ଟାଡିୟମ୍‌ରେ ବର୍ତ୍ତମାନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା-ବାଂଲାଦେଶ ମଧ୍ୟରେ ମୁକାବିଲା ଚାଲିଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି।